## ସଂକ୍ଷେପରେ

### ଟଙ୍କା, ସୁନା ଲୁଟ୍ ମାମଲା: ୪ ନିର୍ଦ୍ଦୋଷ

ବ୍ରହ୍ମପୁର,୧୮।୧୧(ସୁବାସ ଚନ୍ଦ୍ର ପାଢ଼ୀ)

୨୦୧୩ରେ ଜଣେ ବ୍ୟବସାୟୀଙ୍କୁ ଭୟଭୀତ କରି ତାଙ୍କଠାରୁ ସୁନା ଗହଣା ଓ ଟଙ୍କା ଲୁଟ୍ ମାମଲାର ଚୂଡ଼ାନ୍ତ ରାୟ ୧୦ବର୍ଷ ପରେ ପ୍ରକାଶ ପାଇଛି। ଏସିଜେଏମ ଅଲେଖ କୁମାର ପ୍ରଧାନ ଚୂଡାନ୍ତ ରାୟରେ ପ୍ରମାଣ ଅଭାବରୁ ୪ଜଣଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ କଞ୍ଜୁରର ଟୁନା ଦାସ, ବଡବଜାର ଅଞ୍ଚଳର ସୀମାଞ୍ଚଳ ମୁଳି, ଭଞ୍ଜନଗର ଲଣ୍ଡେଇ ସାହିର ଜିତେନ୍ଦ୍ର ଗୌଡ, ସୁନା ଗହଣା ବନ୍ଧକ ରଖିଥିବା ଦକ୍ଷିଣପୁରର ପ୍ରଭାତ ସାହୁ। ୨୦୧୩ ଜୁନ ୧୧ରେ ବ୍ରହ୍ମପୁର ବଡବଜାର ଥାନା ମଙ୍ଗଳାବାରପେଟା ସାହିର ଏସ୍.କେଦାରନାଥ ନିଜ ଦୋକାନ ପରିସରରେ ଥିବା ବେଳେ ୩ ଜଣ ଦୁର୍ବୃତ୍ତ ତାଙ୍କ ନିକଟରୁ ୪୮ ହଜାର ଟଙ୍କା ଏବଂ ସୁନା ଚେନ ଲୁଟି ନେଇଯାଇଥିଲେ। ପୋଲିସ ତଦନ୍ତ କରି ଉପରୋକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ସୁନା ଚେନ କିଣିଥିବା ପ୍ରଭାତଙ୍କୁ ମଧ୍ୟ ଗିରଫ କରିଥିଲା। ପରବର୍ତ୍ତୀ ସମୟରେ ସମସ୍ତ ଅଭିଯୁକ୍ତ ଜାମିନରେ ମୁକୁଳିଥିଲେ। ଏହି ମାମଲାର ବିଚାର ବେଳେ ୧୧ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଶନିବାର ରାୟ ପ୍ରକାଶ ବେଳେ ୪ ଅଭିଯୁକ୍ତ କୋର୍ଟରେ ହାଜର ହୋଇଥିଲେ।

### ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଆସିକା, ୧୮।୧୧ (ସୁରେନ୍ଦ୍ର ନାଥ ସାହୁ)

ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ଶୁକ୍ରବାର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଆସିକା ବିଧାୟିକା ମଂଜୁଳା ସ୍ୱାଇଁଙ୍କ ଦ୍ୱାରା ଉଦଘାଟନ ହୋଇଥିଲା। କଲେଜ ଅଧକ୍ଷ ଡ. ଜିବାନନ୍ଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜ ପରିଚାଳନା ପରିଷଦର ସଭାପତି ପ୍ରଫେସର ପ୍ରସନ୍ନ କୁମାର ପ୍ରଧାନ ଯୋଗଦେଇଥିଲେ। ଯୁବକ ଯୁବତୀଙ୍କ ମଧ୍ୟରେ ରହିଥିବା କ୍ରୀଡା, କଳା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା କାର୍ଯ୍ୟକୁ ଉଦଜୀବିତ କରିବା ଲାଗି ଏହି କାର୍ଯ୍ୟକ୍ରମ କରାଯାଉଥିବା ସୂଚନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମ ଡିସେମ୍ବର ୩୧ ଯାଏଁ ଚାଲିବ। ଉଦଘାଟନୀ ଦିବସରେ ଛାତ୍ରୀଛାତ୍ର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଅଧାପକ ବସନ୍ତ କୁମାର ଆଚାରୀ, ରାଜେଶ କୁମାର ସାହୁ, ଡ. ଅଜିତ କୁମାର ମୁନି, ଡ. ଅଭୟ କେଶରୀ ପରିଚ୍ଛାପଟ୍ଟନାୟକ, ସରୋଜ କୁମାର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗୀ ଥିଲେ।

### ରକ୍ତଦାନ ଶିବିରରେ ୧୦୧ ୟୁନିଟ୍ ରକ୍ତ ସଂଗୃହୀତ

ଆସିକା,୧୮।୧୧ (ସୁରେନ୍ଦ୍ର ନାଥ ସାହୁ)

ଆସିକା ବିଧାନସଭା ନିର୍ବାଚନ ମଣ୍ଡଳି ବିଜୁ ଜନତା ଦଳ ପକ୍ଷରୁ ଶନିବାର ସ୍ଥାନୀୟ ଟେକ୍ନିକାଲ ହାଇସ୍କୁଲ ପରିସରରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ୧୦୧ ୟୁନିଟ ରକ୍ତ ସଂଗୃହିତ ହୋଇଥିବା ଜଣାପଡିଛି। ଗଞ୍ଜାମ ଜିଲା ଜୀବନ ବିନ୍ଦୁ କାର୍ଯ୍ୟକ୍ରମର ସଂଯୋଜକ ସୁବାସ ମହାରଣା କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଆସିକା ବିଧାୟିକା ମଂଜୁଳା ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ଗଂଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଯୁବ ନେତା ଭଗବାନ ସାହୁ, ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ଶିବ ନାହାକ, ବ୍ଲକ ଉପାଧକ୍ଷା ରେସମା ଦୋରା, ଦିଲ୍ଲୀପ ପାଣିଗ୍ରାହୀ, ସୂର୍ଯ୍ୟକାନ୍ତ ପରିଡା, ସନ୍ତୋଷ କୁମାର ପୋଲାଇ, ମନୋଜ କୁମାର ଦୋରା, ଅଭିମନ୍ୟୁ ନାହାକ, ନାଗାର୍ଜୁନ ବିଷୋୟୀ, ଟୁଲୁ ଜେନାଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗଦେଇ ରକ୍ତଦାନ ଭଳି କାର୍ଯ୍ୟରେ ସାମିଲ ଲାଗି ନିବେଦନ କରିଥିଲେ।

# ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଛାତ୍ରୀନିବାସରେ ଉତ୍ତେଜନା

## ବିଶ୍ୱବିଦ୍ୟାଳୟ ରିଜୋଲ୍ୟୁସନ କମିଟି ମେଟର୍ନଙ୍କୁ ବହିଷ୍କାର କଲା




ବ୍ରହ୍ମପୁର,୧୮।୧୧(ତନୁଶ୍ରୀ ନାହାକ)

ଖଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଝାନସୀରାଣୀ ଛାତ୍ରୀନିବାସରେ ଶନିବାର ଉତ୍ତେଜନା ଦେଖିବାକୁ ମିଳିଛି। ଦୀର୍ଘ ୧୩ ବର୍ଷ ଧରି ଛାତ୍ରୀନିବାସ ମେଟର୍ନ ଦାୟିତ୍ୱରେ ଥିବା ସୁଚିତ୍ରା ମିଶ୍ରଙ୍କୁ ବିଶ୍ୱବିଦ୍ୟାଳୟ ରିଜୋଲ୍ୟୁସନ କମିଟି ମିଥ୍ୟା ଅଭିଯୋଗରେ ଚାକିରିରୁ ବହିଷ୍କାର କରିବା ଏହାର କାରଣ ହୋଇଛି। ଏ ସଂକ୍ରାନ୍ତରେ ମେଟର୍ନ ସୁଚିତ୍ରା କହିଛନ୍ତି ଯେ, ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି, ୱାର୍ଡ଼େନ ଦାୟିତ୍ୱରେ ଥିବା ଦୀପକ ମିଶ୍ର, ସୁପରିଟେଣ୍ଡେଣ୍ଟ ଡ଼.ବିଦ୍ୟୁତ ପ୍ରଭା ସାହୁ ଯୋଜନାବଦ୍ଧ ଭାବେ ଛାତ୍ରୀଙ୍କୁ ନେଇ ମନ୍ଦ କାର୍ଯ୍ୟର ଆରୋପ ଲଗାଇ ତାଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି। ତେବେ ଏ ସଂକ୍ରାନ୍ତରେ ବିଶ୍ୱବିଦ୍ୟାଳୟ ରିଜୋଲ୍ୟୁସନ କମିଟି ଯଦି କିଛି ପ୍ରମାଣ ଦିଏ ତେବେ ସେ ସ୍ୱେଚ୍ଛାକୃତ ଭାବେ ଚାକିରିରୁ ଅବସର ନେବେ। ଗତ ଅକ୍ଟୋବର ୧୬ରୁ ତାଙ୍କ କ୍ୱାର୍ଟର୍ସରେ ତାଲା ପକାଇ ଦିଆଯାଇଥିବା ବେଳେ ଶନିବାର ପୋଲିସ ଡକାଇ ତାଙ୍କ ଆସବାବପତ୍ର ବାହାର କରିବା ଧମକାଇଛନ୍ତି। ଦୀର୍ଘ ୧୩ ବର୍ଷ ଧରି ନିଷ୍ଠାପର ଭାବେ ଦାୟିତ୍ୱ ନିର୍ବାହ ପରେ ଏଭଳି ମାନସିକ ନିର୍ଯାତନା ନିହାତି ନିନ୍ଦନୀୟ। ଏଣୁ ତାଙ୍କୁ ନ୍ୟାୟ ଦରକାର ବୋଲି କହିଛନ୍ତି। ଅନ୍ୟପଟେ ସୁପରିଟେଣ୍ଡେଣ୍ଟ ଡ଼.ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ବିଶ୍ୱବିଦ୍ୟାଳୟ ରିଜୋଲ୍ୟୁସନ କମିଟି ପକ୍ଷରୁ ମେଟର୍ନ ନିମନ୍ତେ ଦର୍ଶାଯାଇଥିବା ମାନକ ହିସାବରେ ତାଙ୍କୁ ଅନ୍ୟୂନ ୩୨ ବର୍ଷ ହୋଇଥିବା ବେଳେ ସେ ଯୁକ୍ତ ୨ ପାସ କରିଥିବା ଆବଶ୍ୟକ ଏବଂ ୨୪ ଘଣ୍ଟା ଛାତ୍ରୀନିବାସ ମଧ୍ୟରେ ରହିବା ଜରୁରୀ। ତେବେ ମେଟର୍ନ ଭାବେ କାର୍ଯ୍ୟରତ ସୁଚିତ୍ରା ମିଶ୍ର କେବଳ ଦଶମ ପାସ କରିଛନ୍ତି। ଦ୍ୱାଦଶ ପଢ଼ିନଥିବାରୁ ତାଙ୍କୁ ଏହି ଦାୟିତ୍ୱରୁ ବହିଷ୍କାର କରାଯାଇଛି। ଏ ସଂକ୍ରାନ୍ତରେ ଗତ ଅକ୍ଟୋବର ୧୬ରୁ ତାଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜଣାଇଦିଆଯାଇଥିବା ବେଳେ ସେ ୧ ମାସ ସମୟ ମାଗିଥିଲେ। ଶନିବାର ଏକ ମାସ ପୂରଣ ହୋଇଥିଲେ ସୁଦ୍ଧା ସେ ନିଜ କ୍ୱାର୍ଟର୍ସ ଖାଲି କରିନାହାନ୍ତି। ଅନ୍ୟପଟେ ମେଟର୍ନଙ୍କ କହିବା ଅନୁସାରେ ରିଜୋଲ୍ୟୁସନ କମିଟି ପକ୍ଷରୁ ତାଙ୍କ ଉପରେ କୌଣସି ପ୍ରକାର ଆରୋପ ଲଗାଯାଇନାହିଁ।

# ନାଟକ ମାଧ୍ୟମରେ ଏଡ୍‌ସ ସଚେତନତା ବାର୍ତ୍ତା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ପୁରସ୍କୃତ ଛାତ୍ରୀଛାତ୍ର।

ବ୍ରହ୍ମପୁର,୧୮।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ଏଡ୍‌ସକୁ ରୋକିବା ପାଇଁ ସଚେତନତା ହିଁ ଏକମାତ୍ର ବିକଳ୍ପ। ଯୁବ ବର୍ଗଙ୍କ ମଧ୍ୟରେ ଏଚଆଇଭି ବା ଏଡସର ଭୟାବହତା ସଂପର୍କରେ ସଚେତନତା ସୃଷ୍ଟି ପାଇଁ ରାଜ୍ୟ ଏଡସ ନିୟନ୍ତ୍ରଣ ସମିତି ପକ୍ଷରୁ ଏକ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଭଞ୍ଜ କଳା ମଣ୍ଡପ ଠାରେ ଅନୁଷ୍ଠିତ ଏହି ପ୍ରତିଯୋଗୀତାରେ ଏଚଆଇଭି ପ୍ରବଣ ଗଞ୍ଜାମ, ଖୋର୍ଦ୍ଧା, ବଲାଙ୍ଗୀର ଏବଂ ଅନୁଗୁଳ ଆଦି ଜିଲାର ନାଟକ ଦଳ ଅଂଶଗ୍ରହଣ କରିଥିଲେ। ଗଞ୍ଜାମ ଜିଲା କୁକୁଡାଖଣ୍ଡି ବ୍ଲକ କୁସୁମି ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି 'ହାରିଗଲା ଏଚଆଇଭି' ଶୀର୍ଷକ ନାଟକ ପରିବେଷଣ କରି ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଏହି ଦଳ ଜାତୀୟସ୍ତରୀୟ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଶାରୀରିକ ଶିକ୍ଷକ ମଧୁସୂଦନ ମିଶ୍ରଙ୍କ ରଚିତ ଏବଂ ନିର୍ଦ୍ଦେଶିତ ଏହି ନାଟକ ଉଚ୍ଚ ପ୍ରସଂଶିତ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ ରାଜ୍ୟ ଏଡସ ନିୟନ୍ତ୍ରଣ ସମିତିର ପ୍ରକଳ୍ପ ନିର୍ଦ୍ଦେଶିକା ଡ. ଉର୍ମିଳା ମିଶ୍ର, ଯୁଗ୍ମ ନିର୍ଦ୍ଦେଶକ ଡ.ଡି.ଏସ ଅରବିନ୍ଦ, ପ୍ରଶାସନିକ ଅଧିକାରୀ ଶତାବ୍ଦୀ ରାୟ, ସହକାରୀ ନିର୍ଦ୍ଦେଶକ ସ୍ମୃତି ସାଗରିକା କାନୁନଗୋ ଯୋଗଦେଇ ଏହି ନାଟକକୁ ଢେର ପ୍ରସଂଶା କରିଥିଲେ। ଏହି ନାଟକ ମଞ୍ଚସ୍ଥ ପାଇଁ ଗଞ୍ଜାମ ଜିଲା ଏଡସ ସେଲର ଅଧିକାରୀ ହେମନ୍ତ କୁମାର ଦାଶ ସହଯୋଗ କରିଥିଲେ।

# ଅସହାୟ ବରିଷ୍ଠ ନାଗରିକଙ୍କ ପ୍ରତି ପ୍ରଶାସନିକ ଅବହେଳାକୁ ତୀବ୍ର ନିନ୍ଦା

ବ୍ରହ୍ମପୁର,୧୮।୧୧(ସ୍ମୃତି ରଞ୍ଜନ ମହାଲିକ୍)

କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଶିଶୁ ମହିଳା ଏବଂ ବରିଷ୍ଠ ନାଗରିକଙ୍କୁ ସହାୟତା କରିବା ପାଇଁ ଯେଉଁ ସବୁ ଉପାଦେୟ ଯୋଜନା ପ୍ରଣୟନ କରିଛନ୍ତି, ତାହା ପ୍ରଣିଧାନ ଯୋଗ୍ୟ। ଏହାର ସୁଫଳ ମଧ୍ୟ ଅନେକ ପାଉଥିବାର ଦେଖାଯାଉଛି। କିନ୍ତୁ ଗ୍ରାମାଞ୍ଚଳରେ ବସବାସ କରୁଥିବା ବରିଷ୍ଠ ନାଗରିକ, ନିଃସହାୟ ବୃଦ୍ଧାମାନେ ରାଜନୈତିକ ଅଭିସନ୍ଧି ଓ ପ୍ରଶାସନିକ ଅବହେଳା ସହ କେତେକ ପାରିବାରିକ କଳହର ଶିକାର ହୋଇ ଦୟନୀୟ ଅବସ୍ଥାରେ କାଳାତିପାତ କରୁଥିବା ଦେଖିବାକୁ ମିଳୁଛି। ଏଣୁ ଏହାର ନିରାକରଣ ପାଇଁ ପୋଲିସ ପ୍ରଶାସନର ସହାୟତା ଅନିବାର୍ଯ୍ୟ ହୋଇପଡୁଛି। ଏ ନେଇ ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ବାରମ୍ବାର ଅବଗତ କରାଗଲେ ସୁଦ୍ଧା କୌଣସି ସୁଫଳ ମିଳୁ ନ ଥିବାରୁ ଗଞ୍ଜାମ ଜିଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ଉତ୍କଳ ଆଶ୍ରମ ପାଠାଗାର କକ୍ଷରେ ଅନୁଷ୍ଠିତ ସଭାରେ ତୀବ୍ର ସମାଲୋଚନା କରାଯାଇଛି। ସଭାରେ ମଞ୍ଚର ସଭାପତି ରାଧା ଚରଣ ନାୟକ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ଓ ମୁଖ୍ୟ ସଂଯୋଜକ ତଥା ଆଇନ ପରାମର୍ଶଦାତା ଗୌରୀଶଙ୍କର ପଟ୍ଟନାୟକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସଭାରେ ବରିଷ୍ଠ ନାଗରିକଙ୍କୁ ପୋଲିସ ପ୍ରଶାସନର ପ୍ରତ୍ୟକ୍ଷ ସହାୟତା ପ୍ରଦାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିସହ ବ୍ରହ୍ମପୁର ରେଳ ଷ୍ଟେସନ ସମ୍ମୁଖରେ କାମଚଳା ଗ୍ରୀନ ସେଡ ବଦଳରେ ବଡ ଧରଣର ଗ୍ରୀନ ସେଡ ନିର୍ମାଣ ପାଇଁ ଦାବି ହୋଇଥିଲା। ତତସହିତ ବ୍ରହ୍ମପୁରରୁ- ପୁରୀ ରେଳ ଚଳାଚଳ ଦାବି ନେଇ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ଏଥି ନିମନ୍ତେ ରେଳ ଷ୍ଟେସନ ସମ୍ମୁଖରେ ପୁନଶ୍ଚ ଗଣଧାରଣା ସହ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରାଯିବା ପାଇଁ ସ୍ଥିର ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଘର କୋଷାଧ୍ୟକ୍ଷ ଲଡୁକେଶ ତ୍ରିପାଠୀ ଓ ସଂଗଠନ ସମ୍ପାଦକ ଚିତ୍ତରଞ୍ଜନ ପଣ୍ଡାଙ୍କ ସମେତ ଗୋପାଳ କୃଷ୍ଣ ପାଢ଼ୀ, ବିଶ୍ୱମ୍ଭର ପାଣିଗ୍ରାହୀ ଏବଂ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।



ସଭାରେ ଉପସ୍ଥିତ ମଞ୍ଚର ସଦସ୍ୟ ବୃନ୍ଦ।

## ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବାକୁ ଅନୁମତି

### ଯୁବକଙ୍କୁ ହତ୍ୟା ଉଦ୍ୟମ ମାମଲା

ବ୍ରହ୍ମପୁର, ୧୮।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ଯୁବକଙ୍କୁ ହତ୍ୟା ଉଦ୍ୟମ ମାମଲାରେ ସମ୍ପୃକ୍ତି ଅଭିଯୋଗରେ ଅଭିଯୁକ୍ତ ମନୋଜ କୁମାର ସାହୁଙ୍କୁ ରିମାଣ୍ଡରେ ନେବାକୁ ଟାଉନ ଥାନା ପୋଲିସକୁ ଶନିବାର ଏସଡିଜେଏମ କୋର୍ଟ ଅନୁମତି ପ୍ରଦାନ କରିଛନ୍ତି। ଅଭିଯୁକ୍ତ ମନୋଜଙ୍କୁ ରବିବାର ପୋଲିସ ଦିନିକିଆ ରିମାଣ୍ଡରେ ନେଇପାରିବେ। ତାଙ୍କୁ ରିମାଣ୍ଡରେ ନେବା ପରେ ପୋଲିସ ଘଟଣା ବେଳେ ବ୍ୟବହୃତ ଖଣ୍ଡା ସେ କେଉଁଠି ଲୁଚାଇ ରଖିଛନ୍ତି ତାହା ଜବତ କରିବ। ଏହା ସହିତ ଏଯାବତ ଫେରାର ଥିବା ଡେଙ୍ଗା ପପୁ ସମ୍ପର୍କରେ ତଥ୍ୟ ହାସଲ କରାଯିବ ବୋଲି ପୋଲିସ କହିଛି। ପ୍ରକାଶ ଯେ, ଟାଉନ ଥାନା ଅନ୍ତର୍ଗତ କାଳିଆ ବେହେରା ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ନିକଟରେ ଏକ ରାକ୍ଷୀ ଦୋକାନ କରିଥିଲେ। ଗତ ୩୧ ତାରିଖ ରାତିରେ ସେ ତାଙ୍କର ଜଣେ ସାଙ୍ଗ ଗୌରା ଦାସଙ୍କ ସହ ଦୋକାନରେ ଶୋଇଥିଲେ। ଏକଥା ଜାଣିବା ପରେ ଡେଙ୍ଗା ପପୁ ଓ ତାଙ୍କ ସହଯୋଗୀମାନେ ରାତି ପ୍ରାୟ ୩ଟାରେ ପହଞ୍ଚିଥିଲେ। ସେଠାରେ କାଳିଆ ଶୋଇଥିବା ବେଳେ ତାଙ୍କୁ ଡେଙ୍ଗା ପପୁ ଖଣ୍ଡାରେ ଆକ୍ରମଣ କରିଥିଲେ। ତାଙ୍କୁ ରକ୍ଷା କରିବାକୁ ଯାଇ ନିକଟରେ ଥିବା ଗୌରା ଦାସଙ୍କୁ ମଧ୍ୟ ଅଭିଯୁକ୍ତମାନେ ଆକ୍ରମଣ କରି ଚମ୍ପଟ ମାରିଥିଲେ। ଆହତଙ୍କୁ ପୋଲିସ ଉଦ୍ଧାର କରି ଏମକେସିଜି ମେଡିକାଲ ପଠାଇଥିଲା। ପୋଲିସ ସିସି ଟିଭି ଫୁଟେଜରୁ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ଫେରାର ଥିବା ମନୋଜ ଗତ ୭ ତାରିଖରେ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବ୍ରହ୍ମପୁର ଜେଲକୁ ପଠାଇ ଦିଆଯାଇଥିଲା। କିନ୍ତୁ ପୂର୍ବରୁ ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ଗତ ସେପ୍ଟେମ୍ବର ୯ରେ ପୋଲିସ ଫାଷ୍ଟଗେଟ ଅଞ୍ଚଳର କାଳିଆ ସାହୁ(୨୩) ଓ ନିରଞ୍ଜନ ବାରିକ ଓରଫ ଭିକି(୨୪)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
bmpselfie@gmail.com



@ ସଞ୍ଚୟିତା



@ ରଜତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## କ୍ରୀଡ଼ା ସମାରୋହ: ସୁଦୀପ୍ତାଙ୍କୁ ଚାମ୍ପିୟନ ଟ୍ରଫି



ମହାମାୟୀ ମହିଳା ମହାବିଦ୍ୟାଳୟ କ୍ରୀଡ଼ା ସମାରୋହ ଉଦ୍‌ଯାପନୀରେ ମଞ୍ଚାସୀନ ଅଧ୍ୟକ୍ଷା, ଅତିଥି।

ବ୍ରହ୍ମପୁର,୧୮।୧୧ (ତନୁଶ୍ରୀ ନାହାକ)

ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ମହାମାୟୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ଗତ ୧୫ ତାରିଖରୁ ଖଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ ଆରମ୍ଭ ହୋଇଥିବା ସ୍ନାତକୋତ୍ତର ୪ ଦିନିଆ କ୍ରୀଡ଼ାସମାରୋହ ଶନିବାର ଉଦଯାପିତ ହୋଇଯାଇଛି। ଏଥିରେ କଲେଜ ଅଧ୍ୟକ୍ଷା କବିତା ଶତପଥୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ଡ.ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ସମ୍ମାନନୀୟ ଅତିଥି ଭାବେ ରାଜ୍ୟ କାଜୁ ନିଗମ ଉନ୍ନୟନ ବୋର୍ଡ଼ ଅଧ୍ୟକ୍ଷ ଡ଼.ସୁବାସ ମହାରଣା ଉପସ୍ଥିତ ରହି ଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ନୋଡ଼ାଲ ଅଧିକାରୀ ଭାବେ ସ୍ୱର୍ଣ୍ଣଲତା ପଟ୍ଟନାୟକ ଓ ମହାବିଦ୍ୟାଳୟ କ୍ରୀଡ଼ା ଅଧିକାରୀ ଡ଼.ବାଣୀ ପଟ୍ଟନାୟକ ମଂଚାସୀନ ରହିଥିଲେ। କ୍ରୀଡ଼ା ସମାରୋହରେ କବାଡ଼ି, ଖୋଖୋ, ବ୍ୟାଡ଼ମିଣ୍ଟନ, ଲଙ୍ଗ ଜମ୍ପ, ହାଇ ଜମ୍ପ, ସଟପୁଟ, ଡ଼ିସକସଥ୍ରୋ,୧୦୦,୨୦୦ ଓ ୪୦୦ ମିଟର ଦୌଡ଼, ମ୍ୟୁଜିକ ଚେୟାର ଭଳି ୫୦ରୁ ଊର୍ଦ୍ଧ୍ୱ ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୦୦,୨୦୦ ଓ ୪୦୦ ମିଟର ଦୌଡ଼, ଲଙ୍ଗ ଜମ୍ପ, ହାଇଜମ୍ପରେ ପ୍ରଥମ ସ୍ଥାନ ଅଧିକାର କରି ଥିବା ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଛାତ୍ରୀ ସୁଦୀପ୍ତା ବାଡ଼ତ୍ୟାଙ୍କୁ ଚାମ୍ପିୟନ ଟ୍ରଫି ପ୍ରଦାନ କରାଯାଇଥିଲା। ଛାତ୍ରୀ ସୁଶ୍ରୀତା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକାଅଧ୍ୟାପକ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଯୁକ୍ତ ୨ ଛାତ୍ରୀଙ୍କ କ୍ରୀଡ଼ା ସମାରୋହ ଆସନ୍ତା ୨୦ ତାରିଖ ଉଦଯାପିତ ହେବ।

## ୨୨ରୁ କଳାବ୍ୟାଜ ପିନ୍ଧିବେ ଅଗ୍ନିଶମ କର୍ମଚାରୀ

### ଦୁଇ ଦଫା ଦାବି ପୂରଣ ପାଇଁ ଚାଲିବ ନୀରବ ପ୍ରତିବାଦ

ବ୍ରହ୍ମପୁର,୧୮।୧୧ (ସୁବାସ ଚନ୍ଦ୍ର ପାଢ଼ୀ)

ଦକ୍ଷିଣାଞ୍ଚଳ ଅଗ୍ନିଶମ ସେବା ସଂସ୍ଥାରେ କାର୍ଯ୍ୟରତ ପ୍ରାୟ ୨୫୦୦ କର୍ମଚାରୀ ୨ ଦଫା ଦାବି ପୂରଣ ପାଇଁ ଆସନ୍ତା ୨୨ ତାରିଖରୁ କଳାବ୍ୟାଜ ପରିଧାନ କରିବେ। ଦୀର୍ଘବର୍ଷ ହେଲା ଅଗ୍ନିକ, ମୁଖ୍ୟ ଅଗ୍ନିକ ଓ ଅଗ୍ନିକ ଗାଡ଼ି ଚାଳକ ନିରବଚ୍ଛିନ୍ନ ଭାବେ ବିଭିନ୍ନ ଉଦ୍ଧାର କାର୍ଯ୍ୟରେ ନିୟୋଜନ ହେଉଛନ୍ତି। ବନ୍ୟା ବାତ୍ୟା, ସଡକ ଓ ରେଳ ଦୁର୍ଘଟଣାରେ ଉଦ୍ଧାର କାର୍ଯ୍ୟ କରି ଆସୁଛନ୍ତି। ଓଡିଶା ପୋଲିସ କର୍ମଚାରୀଙ୍କ ସହିତ ସମାନ ପାହ୍ୟା, ସମାନ ଦରମା, ସମାନ ଭତ୍ତା ପ୍ରଦାନ ସହ କର୍ମଚାରୀ ସଂଘର ସରକାରୀ ପଞ୍ଜୀକରଣ ଦାବି ନେଇ ଏମାନେ କଳାବ୍ୟାଜ ପରିଧାନ କରି ସରକାରୀ କାର୍ଯ୍ୟ କରିବେ ବୋଲି ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି। ଦାବି ପୂରଣ ପାଇଁ ଅଗ୍ନିଶମ କର୍ମଚାରୀମାନେ ସାମୁହିକ ଭାବେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଅଗ୍ନିଶମ ମହାନିର୍ଦ୍ଦେଶକ, ଅର୍ଥ ବିଭାଗର ଅତିରିକ୍ତ ଶାସନ ସଚିବଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସୁଫଳ ନ ମିଳିବା ପ୍ରତିବାଦରେ କଳାବ୍ୟାଜ୍ ପରିଧାନ ନିଷ୍ପତ୍ତି ନେଇଛନ୍ତି।

# ବେଳାଭୂମି ସଫା କଲେ ଶଶିଭୂଷଣ ରଥ ମହିଳା ମହାବିଦ୍ୟାଳୟ ଛାତ୍ରୀ

ବ୍ରହ୍ମପୁର,୧୮।୧୧(ତନୁଶ୍ରୀ ନାହାକ)

ସ୍ଥାନୀୟ ଶଶିଭୂଷଣ ରଥ ସରକାରୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ଛାତ୍ରୀମାନେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଓ ମୋ ଓଡ଼ିଶା ଯୁବ ଓଡ଼ିଶା କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଶନିବାର ଗୋପାଳପୁର ବେଳାଭୂମି ସଫେଇ କରିଥିଲେ। ବେଳାଭୂମି ପରିସରରେ ପଡ଼ିଥିବା ପଲିଥିନ୍, ବିସ୍କୁଟ ଖୋଳ, ପ୍ଲାଷ୍ଟିକ ଆଦି ଆବର୍ଜନା ସଂଗ୍ରହ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା ଡ଼ଃ ନମିତା କୁମାରୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏହାକୁ ଡ଼ଃ. ମନିଷା ମିଶ୍ର ପରିଚାଳନା କରିଥିଲେ। ଛାତ୍ରୀ ଉପଦେଷ୍ଟା କମିଟିର ଅନ୍ୟାନ୍ୟ ଅଧିକାରୀ ସହଯୋଗ କରିଥିଲେ। ପରେ ମହାବିଦ୍ୟାଳୟ ପରିସରରେ ମଧ୍ୟ ସଫେଇ କାର୍ଯ୍ୟକ୍ରମ ହୋଇଥିଲା।



ବେଳାଭୂମିରେ ସଫେଇ କାର୍ଯ୍ୟକ୍ରମ ନିମନ୍ତେ ଏକତ୍ରିତ ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରୀ।

# ଅର୍ଥନୀତି ସୁଦୃଢ଼ୀକରଣରେ ସମବାୟର ଭୂମିକା ରହିଛି



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ ଓ ଅନ୍ୟମାନେ।

ବ୍ରହ୍ମପୁର,୧୮।୧୧ (ସ୍ମୃତି ରଞ୍ଜନ ମହାଲିକ)

ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଶନିବାର ଜିଲାସ୍ତରୀୟ ୭୦ତମ ସର୍ବଭାରତୀୟ ସମବାୟ ସପ୍ତାହ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ମୁଖ୍ୟବକ୍ତା ରୂପେ ଖଲିକୋଟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି, ସମ୍ମାନନୀୟ ଅତିଥି ରୂପେ ବିଏମସି ମେୟର ସଂଘମିତ୍ରା ଦଳେଇ, ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କ ସଭାପତି ଶିବରାମ ପାତ୍ର, ଆସିକା କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ମଙ୍ଗଳୁ ଧର ସାହୁ, ବରିଷ୍ଠ ସମବାୟ ଅଧିକାରୀ ରାମ ମୋହନ ପାତ୍ର, ସମବାୟ ସମିତି ସମୂହର ଜିଲା ସହକାରୀ ନିବନ୍ଧକ ପର୍ଶୁରାମ ପାତ୍ର, ବିଜୟ କୁମାର ସାହୁ ଓ ଯୋଗମାୟା ସାବତ ପ୍ରମୁଖ ଯୋଗ ଦେଇଥିଲେ। ଭାରତୀୟ ଅର୍ଥନୀତିର ସୁଦୃଢ଼ୀକରଣ ଓ ନିରନ୍ତର ବିକାଶ ଦିଗରେ ସମବାୟର ଭୂମିକା ରହିଛି ବୋଲି ଅତିଥିମାନେ କହିଥିଲେ। ଏଥିସହ ଜିଲାର ସମବାୟ ଆନ୍ଦୋଳନକୁ ସୁଦୃଢ କରିବା ସହ ଚାଷୀଙ୍କୁ ଋଣ ଓ ଅନ୍ୟ ସହାୟତା ସମୃଦ୍ଧି ପାଇଁ କହିଥିଲେ। ଏହି ଅବସରରେ ଜିଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟତମ ଅତିଥି ରୂପେ ବ୍ରହ୍ମପୁର କେନ୍ଦ୍ର ସମବାୟ ବ୍ୟାଙ୍କର ସଂପାଦକ ଓ ରାଜ୍ୟ ସମବାୟ ବ୍ୟାଙ୍କର ନିର୍ଦ୍ଦେଶିକା ବିଷ୍ଣୁପ୍ରିୟା ନାୟକ ସମବାୟ ଆନ୍ଦୋଳନକୁ ତ୍ୱରାନ୍ୱିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଜିଲା ସମବାୟ ସଂଘର ସଂପାଦକ ଡି. କ୍ରିଷ୍ଣା ନନ୍ଦ ଓ ସନ୍ତୋଷ କୁମାର ସାହୁଙ୍କ ସମେତ ସମବାୟ ବିଭାଗର ବହୁ ବରିଷ୍ଠ ଅଧିକାରୀ ସହଯୋଗ କରିଥିଲେ।

